# NATIONAL NEWS BULLETIN (ODIA)
## 20 April - 2026
## Evening Bulletin : 7.15 p.m.

*********************************

## ମୁଖ୍ୟ ସମ୍ବାଦ

- ଭାରତ-ଦକ୍ଷିଣ କୋରିଆ ମଧ୍ୟରେ ସ୍ୱାକ୍ଷରିତ ହେଲା ୪ଟି ବୁଝାମଣାପତ୍ର ।

– ଦ୍ୱିପାକ୍ଷିକ ସମ୍ପର୍କକୁ ସୁଦୃଢ଼ କରିବା ଲକ୍ଷ୍ୟ ନେଇ ଆଗାମୀ ଦଶନ୍ଧି ପାଇଁ ପ୍ରସ୍ତୁତ ହୋଇଛି ରୂପରେଖ, କହିଲେ ପ୍ରଧାନମନ୍ତ୍ରୀ ।

- ଓଡ଼ିଶାକୁ ଆସନ୍ତାକାଲି ଦିନିକିଆ ଗସ୍ତରେ ଆସିବେ ରାଷ୍ଟ୍ରପତି ।
- ଜାମ୍ମୁ କାଶ୍ମୀର ଯାତ୍ରୀବାହି ବସ୍ ଦୁର୍ଘଟଣାରେ ମୃତ୍ୟୁ ସଂଖ୍ୟା ୨୧କୁ ବୃଦ୍ଧି ।
- ହର୍ମୁଜ୍ ପ୍ରଣାଳୀ ଦେଇ ନିଃଶୁଳ୍କ ଜାହାଜ ଚଳାଚଳ ପାଇଁ ଆହ୍ୱାନ ଦେଲା ବ୍ରିଟେନ୍ ।

ଏବଂ

- ଆଇପିଏଲ୍ କ୍ରିକେଟ୍‌ର ଆଜିର ମ୍ୟାଚ୍‌ରେ ଟସ୍ ଜିତି ମୁମ୍ବାଇ ଇଣ୍ଡିଆନ୍ସକୁ ବ୍ୟାଟିଂ କରିବାକୁ ଆମନ୍ତ୍ରଣ କଲା ଗୁଜରାଟ ଟାଇଟନ୍ସ ।

# ପିଏମ୍-କୋରିଆ

ଭାରତ ଓ ଦକ୍ଷିଣ କୋରିଆ ମଧ୍ୟରେ ଆଜି ବିଭିନ୍ନ କ୍ଷେତ୍ରରେ ଚାରୋଟି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । ନୂଆଦିଲ୍ଲୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ଦକ୍ଷିଣ କୋରିଆ ରାଷ୍ଟ୍ରପତି ଲି ଜାଏ ମ୍ୟୁଙ୍ଗ୍‌ଙ୍କ ମଧ୍ୟରେ ଆଲୋଚନା ପରେ ଏହି ବୁଝାମଣାପତ୍ର ଗୁଡ଼ିକ ସ୍ୱାକ୍ଷରିତ ହୋଇଛି । ସେହି କ୍ଷେତ୍ରଗୁଡ଼ିକ ହେଉଛି, କ୍ରୀଡ଼ା, ସାଂସ୍କୃତିକ ଏବଂ ସୃଜନଶୀଳ ଉଦ୍ୟୋଗ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ଏବଂ ଦ୍ୱିପାକ୍ଷିକ ଶିଳ୍ପ ସହଯୋଗ କମିଟି ପ୍ରତିଷ୍ଠା । ଶ୍ରୀ ମୋଦୀ କହିଛନ୍ତି, ଭାରତ ଓ ଦକ୍ଷିଣ କୋରିଆ ସାମ୍ପ୍ରତିକ ବୈଶ୍ୱିକ ପରିସ୍ଥିତି ମଧ୍ୟରେ ଶାନ୍ତି ଓ ସ୍ଥିରତା ପାଇଁ କାର୍ଯ୍ୟ କରୁଛନ୍ତି ।

ଉଭୟ ଦେଶ ଏକ ଶାନ୍ତିପୂର୍ଣ୍ଣ, ବିକାଶଶୀଳ ଏବଂ ସମାବେଶୀ ଭାରତ ପ୍ରଶାନ୍ତ ମହାସାଗର କ୍ଷେତ୍ର ଉପରେ ନିଜର ପ୍ରୟାସ ଜାରି ରଖିବେ ବୋଲି ଶ୍ରୀ ମୋଦୀ କହିଛନ୍ତି । ଦ୍ୱିପାକ୍ଷିକ ସମ୍ପର୍କକୁ ସୁଦୃଢ଼ କରିବା ଲକ୍ଷ୍ୟ ନେଇ ଆସନ୍ତା ଦଶନ୍ଧି ପାଇଁ ଏକ ରୂପରେଖ ପ୍ରସ୍ତୁତ କରାଯାଇଛି ବୋଲି ପ୍ରଧାନମନ୍ତ୍ରୀ ସୂଚନା ଦେଇଛନ୍ତି । କୃତ୍ରିମ ବୁଦ୍ଧିମତା, ସେମିକଣ୍ଡକ୍ଟର, ସୂଚନା ଓ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ସହଭାଗିତାକୁ ସୁଦୃଢ଼ କରିବା ନେଇ ବିଚାର ବିମର୍ଷ ଚାଲିଛି । ଚିପ୍ସଠାରୁ ଆରମ୍ଭ କରି ଜାହାଜ, ପ୍ରଯୁକ୍ତିବିଦ୍ୟା ଏବଂ ମନୋରଞ୍ଜନ ତଥା ଶକ୍ତି  ଆଦି ବିଭିନ୍ନ କ୍ଷେତ୍ରରେ ସହଭାଗିତାର

ନୂତନ ମାର୍ଗ ଉନ୍ମୋଚନ ଉପରେ ଉଭୟ ପକ୍ଷ ମତ ବିନିମୟ କରିଥିବା ପ୍ରଧାନମନ୍ତ୍ରୀ କହିଛନ୍ତି । ଦୁଇ ଦେଶ ମଧ୍ୟରେ ବହୁବର୍ଷର ସାଂସ୍କୃତିକ ସମ୍ପର୍କ ରହି ଆସିଛି । ଦକ୍ଷିଣ କୋରିଆର କେ-ପପ୍ ଏବଂ କେ-ଡ୍ରାମା ଏବେ ଭାରତରେ ଲୋକପ୍ରିୟତା ହାସଲ କରିଛି ।

ସେହିଭଳି ଭାରତୀୟ ସିନେମା ଏବଂ ମନୋରଂଜନ କ୍ଷେତ୍ର ମଧ୍ୟ ଦକ୍ଷିଣ କୋରିଆରେ ବ୍ୟାପକ ହେଉଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

**VO-1-PM-MODI-ON-MOU**

ଦକ୍ଷିଣ କୋରିଆ ରାଷ୍ଟ୍ରପତି ଶ୍ରୀ ମ୍ୟୁଙ୍ଗ୍ କହିଛନ୍ତି, ଦକ୍ଷିଣ ବିଶ୍ୱ କ୍ଷେତ୍ରରେ ଭାରତ ଏକ ନେତୃତ୍ୱ ରାଷ୍ଟ୍ର ଭାବେ ଉଭା ହେଉଛି । ପ୍ରତିରକ୍ଷା, କୃତ୍ରିମ ବୁଦ୍ଧିମତା ଏବଂ ଜାହାଜ ନିର୍ମାଣ କ୍ଷେତ୍ରରେ ଦ୍ୱିପାକ୍ଷିକ ସହଯୋଗକୁ ଅଧିକ ବ୍ୟାପକ କରାଯିବ ବୋଲି ରାଷ୍ଟ୍ରପତି ମ୍ୟୁଙ୍ଗ୍ କହିଛନ୍ତି ।

# ପ୍ରେଜ୍-ଓଡ଼ିଶା ଭିଜିଟ୍

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆସନ୍ତାକାଲି ଓଡ଼ିଶା ଗସ୍ତରେ ଆସିବେ । ଦିନିକିଆ ଗସ୍ତ ସମୟରେ, ରାଷ୍ଟ୍ରପତି ରାଉରକେଲାରେ ଏକ ସାର୍ବଜନୀନ କାର୍ଯ୍ୟକ୍ରମରେ ପ୍ଲାନେଟୋରିୟମ୍ ଓ ବିଜ୍ଞାନ କେନ୍ଦ୍ର ଏବଂ ନିର୍ମଳ ମୁଣ୍ଡା ପରିବେଶ ପଥର ଉଦ୍‌ଘାଟନ କରିବେ । ରାଷ୍ଟ୍ରପତି ମୁର୍ମୁ ରାଉରକେଲାରେ

ଏକୀକୃତ କମାଣ୍ଡ ଏବଂ ନିୟନ୍ତ୍ରଣ କେନ୍ଦ୍ର, ଜନଜାତି ସଂଗ୍ରହାଳୟର ମଧ୍ୟ ଉଦ୍‌ଘାଟନ କରିବେ ।

## ଜେଆଣ୍ଡକେ ଆକ୍ସିଡେଣ୍ଟ

ଜାମ୍ମୁ କାଶ୍ମୀରରେ ଆଜି ଏକ ଯାତ୍ରୀବାହି ବସ୍ ଦୁର୍ଘଟଣାରେ ୨୧ ଜଣଙ୍କର ମୃତ୍ୟୁ ହୋଇଛି । ଅନ୍ୟ ୨୯ ଜଣ ଆହତ ହୋଇଛନ୍ତି । ଉଦ୍ଧମପୁର ଜିଲ୍ଲା ଅନ୍ତର୍ଗତ ରାମନଗର ଅଞ୍ଚଳର କାଗୋର୍ଟ୍ ଗାଁ ନିକଟରେ ଏକ ବୁଲାଣିରେ ବସ୍‌ଟି ପାହାଡ଼ ତଳକୁ ଖସି ପଡ଼ିଥିଲା । ୫୦ ଜଣ ଯାତ୍ରୀଙ୍କୁ ନେଇ ଏହି ବସ୍‌ଟି ରାମନଗରରୁ ଉଦ୍ଧମପୁର ଗସ୍ତ କରୁଥିଲା । ଆହତଙ୍କ ମଧ୍ୟରେ କେତେଜଣଙ୍କର ଅବସ୍ଥା ସଂକଟାପନ୍ନ ରହିଥିବାର ଜଣାପଡ଼ିଛି । ସେଥିମଧ୍ୟରୁ ଦୁଇ ଜଣଙ୍କୁ ଉନ୍ନତ ଚିକିତ୍ସା ପାଇଁ ବିମାନ ଯୋଗେ ଜାମ୍ମୁ ଜି.ଏମ୍.ସି. ହସ୍ପିଟାଲ୍‌କୁ ସ୍ଥାନାନ୍ତର କରାଯାଇଛି ।

ଦୁର୍ଘଟଣା ନେଇ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ୍, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, କେନ୍ଦ୍ରମନ୍ତ୍ରୀ ଡକ୍ଟର ଜିତେନ୍ଦ୍ର ପ୍ରସାଦ, ଉପରାଜ୍ୟପାଳ ମନୋଜ ସିହ୍ନା, ମୁଖ୍ୟମନ୍ତ୍ରୀ ଓମାର୍ ଅବଦୁଲ୍ଲା ପ୍ରମୁଖ ଗଭୀର ଶୋକ ପ୍ରକାଶ କରିଛନ୍ତି । ମୃତକଙ୍କ ନିକଟ ସମ୍ପର୍କୀୟଙ୍କ ଲାଗି ପ୍ରଧାନମନ୍ତ୍ରୀ ୨ ଲକ୍ଷ ଟଙ୍କା ଲେଖାଏଁ ଏବଂ ଆହତଙ୍କ ଲାଗି ୫୦ ହଜାର ଟଙ୍କା ଲେଖାଏଁ ଅନୁକମ୍ପା ମୂଳକ ସହାୟତା ରାଶି ଘୋଷଣା କରିଛନ୍ତି । ମୁଖ୍ୟମନ୍ତ୍ରୀ ଶ୍ରୀ ଅବଦୁଲ୍ଲା ନିକଟ ମୃତକଙ୍କ ନିକଟ ସମ୍ପର୍କୀୟଙ୍କ

ଲାଗି ୨ ଲକ୍ଷ ଟଙ୍କା ଲେଖାଏଁ ଏବଂ ଗୁରୁତର ଆହତଙ୍କ ପାଇଁ ୧ ଲକ୍ଷ ଟଙ୍କା ଓ ସାମାନ୍ୟ ଆହତଙ୍କ ପାଇଁ ୨୫ ହଜାର ଟଙ୍କା ଲେଖାଏଁ ସହାୟତା ରାଶି ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ଘୋଷଣା କରିଛନ୍ତି ।

## ରେଲଓ୍ୱେକ

ଭାରତୀୟ ରେଳବାଇ ଆସନ୍ତା ତିନିମାସ ମଧ୍ୟରେ ଦେଶବ୍ୟାପି ୧୮ ହଜାର ୨ ଶହ ୬୨ଟି ଗ୍ରୀଷ୍ମକାଳୀନ ସ୍ୱତନ୍ତ୍ର ଟ୍ରେନ୍ ଯାତ୍ରା ପରିଚାଳନା କରିବ । ଏହା ଯାତ୍ରୀ ଚାହିଦାରେ ଆଶା କରାଯାଉଥିବା ବୃଦ୍ଧିକୁ ସମାଧାନ କରିବ ଏବଂ ଏକ ସୁଗମ ଓ ସୁବିଧାଜନକ ଯାତ୍ରା ଅଭିଜ୍ଞତା ସୁନିଶ୍ଚିତ କରିବ । ରେଳ ମନ୍ତ୍ରଣାଳୟ ସୂଚନା ଦେଇଛି ଯେ ସମଗ୍ର ଦେଶରେ ବହୁ ସଂଖ୍ୟକ ସ୍ୱତନ୍ତ୍ର ଟ୍ରେନ୍ ସେବାକୁ ଅନୁମୋଦନ କରି ଗ୍ରୀଷ୍ମ ଋତୁରେ ଯାତ୍ରୀମାନଙ୍କ ପାଇଁ ସୁଗମ ଏବଂ ଆରାମ୍‌ଦାୟକ ଯାତ୍ରା ସୁନିଶ୍ଚିତ କରିବା ପାଇଁ ଏହି ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନିଆଯାଇଛି । ଚଳିତ ବର୍ଷ ଏପ୍ରିଲ୍ ୧୫ ତାରିଖରୁ ଜୁଲାଇ ୧୫ ତାରିଖ ପର୍ଯ୍ୟନ୍ତ ମୋଟ୍ ୯ ହଜାର ୮ଟି ଗ୍ରୀଷ୍ମକାଳୀନ ସ୍ୱତନ୍ତ୍ର ଟ୍ରେନ୍‌କୁ ଅନୁମୋଦନ କରାଯାଇଛି । ଯାହା ବର୍ଦ୍ଧିତ ଯାତ୍ରାର ଚାହିଦା ପୂରଣ କରିବାପାଇଁ ୧୮ ହଜାର ୨ ଶହ ୬୨ଟି ଯାତ୍ରା ପରିଚାଳନା କରିବ ।

# ୟୁକେ-ହର୍ମୁଜ୍

ଆମେରିକା ଏବଂ ଇରାନ୍ ମଧ୍ୟରେ ଯୁଦ୍ଧ ବିରତି ନେଇ ଅନିଶ୍ଚିତତା ମଧ୍ୟରେ ହର୍ମୁଜ୍ ପ୍ରଣାଳୀ ଦେଇ ନିଶୁଳ୍କ ଯାତାୟତ ଉପରେ ବ୍ରିଟେନ୍ ଆହ୍ୱାନ ଦେଇଛି । ବ୍ରିଟେନ୍ ବୈଦେଶିକ ସଚିବ ୟେଭେଟ୍ କୁପର୍ କହିଛନ୍ତି, ଏହି ପ୍ରମୁଖ ବିଶ୍ୱ ତୈଳ ମାର୍ଗ ବ୍ୟବହାର କରୁଥିବା ଜାହାଜଗୁଡ଼ିକର ପ୍ରତିବନ୍ଧକ ବିନା ଚଳାଚଳକୁ ସୁନିଶ୍ଚିତ କରିବା ପାଇଁ ପ୍ରୟାସ ଚାଲିଛି । ବ୍ରିଟେନ୍ କହିଛି, ସୁରକ୍ଷିତ ଯୋଗାଣ ଶୃଙ୍ଖଳ, ଆନ୍ତର୍ଜାତିକ ଆଇନ୍‌କୁ ସମ୍ମାନ ଦେବା ଏବଂ ଶକ୍ତି ଯୋଗାଣରେ ପ୍ରତିବନ୍ଧକକୁ ଦୂର କରିବା ନେଇ ସମନ୍ୱିତ ପଦକ୍ଷେପ ଅତ୍ୟନ୍ତ ଜରୁରୀ ।

ଆମେରିକା ଏକ ଇରାନୀ ମାଲବାହି ଜାହାଜକୁ ଜବତ କରିବା ପରେ ବ୍ରିଟେନ୍ ଏହି ମନ୍ତବ୍ୟ ଦେଇଛି । ଉତ୍ତେଜନା ବୃଦ୍ଧି ସହ ଏବଂ ଭବିଷ୍ୟତରେ ଶାନ୍ତି ଆଲୋଚନା ନେଇ ସନ୍ଦେହ ସୃଷ୍ଟି ହୋଇଛି । ବିବାଦ ଶେଷ ହେବା ପରେ ଇରାନ୍ ଜାହାଜଗୁଡ଼ିକ ଉପରେ ଟୋଲ୍ ଆଦାୟ କରିବାକୁ ପ୍ରସ୍ତାବ ଦେଇଥିବା ଜଣାପଡ଼ିଛି ।

# ଇଣ୍ଡିଆ-ଗୋରିଆ ବିଜ୍‌ନେସ୍-ଗୋୟଲ୍

ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ ପୀୟୂଷ ଗୋୟଲ କହିଛନ୍ତି, ଭାରତ ଓ ଦକ୍ଷିଣ କୋରିଆ ମଧ୍ୟରେ ସମ୍ପ୍ରତି ଦ୍ୱିପାକ୍ଷିକ ବାଣିଜ୍ୟ କାରବାର ୨୭ ବିଲିୟନ୍ ଡଲାର୍‌ରେ ପହଞ୍ଚିଛି । ଆଗାମୀ ୪ ବର୍ଷ ମଧ୍ୟରେ ଏହି ସଂଖ୍ୟାକୁ ଦ୍ୱିଗୁଣିତ କରିବାର ଲକ୍ଷ୍ୟ ରଖାଯାଇଛି ବୋଲି ଶ୍ରୀ ଗୋୟଲ କହିଛନ୍ତି । ନୂଆଦିଲ୍ଲୀରେ ଆଜି ଭାରତ-କୋରିଆ ବ୍ୟବସାୟିକ ଫୋରମ୍‌ର ଉଦ୍‌ଘାଟନୀ ସମାରୋହକୁ ସମ୍ବୋଧନ କରି ଶ୍ରୀ ଗୋୟଲ କହିଛନ୍ତି, ଦକ୍ଷିଣ କୋରିଆ ରାଷ୍ଟ୍ରପତି ଭାରତ ଗସ୍ତ ଦ୍ୱିପାକ୍ଷିକ ସମ୍ପର୍କକୁ ଅଧିକ ସୁଦୃଢ଼ କରିବ । ବ୍ୟାବସାୟିକ ପ୍ରକ୍ରିୟାକୁ ସରଳ କରିବା ସହ ଦୁଇ ଦେଶ ମଧ୍ୟରେ ଅଧିକ ସନ୍ତୁଳିତ ଆର୍ଥିକ ସମ୍ପର୍କ ପାଇଁ ସୁଯୋଗ ସୃଷ୍ଟି ହେବା ଉପରେ ଶ୍ରୀ ଗୋୟଲ ଆଶାବ୍ୟକ୍ତ କରିଛନ୍ତି । ଦକ୍ଷିଣ କୋରିଆ ସ୍ଥିତ ବ୍ୟାବସାୟିକ ପ୍ରତିଷ୍ଠାନ, ବିଭିନ୍ନ ପ୍ରକାର ଉତ୍ପାଦ ଏବଂ ସେବା ପ୍ରଦାନ ମାଧ୍ୟମରେ ଭାରତର ଅଭିବୃଦ୍ଧି କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ କରୁଛନ୍ତି ବୋଲି ମନ୍ତ୍ରୀ ଶ୍ରୀ ଗୋୟଲ କହିଛନ୍ତି । ୨୦୪୭ ସୁଦ୍ଧା ଭାରତର ଅର୍ଥନୀତି ୩୦ ଟ୍ରିଲିୟନ୍ ଡଲାର୍‌ରେ ପହଞ୍ଚିବ ବୋଲି ଶ୍ରୀ ଗୋୟଲ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି ।

# ଗଭ୍. ୱେଷ୍ଟ ଏସିଆ ବ୍ରିଫିଂ

ପଶ୍ଚିମ ଏସିଆ ସଂକଟ ପରିସ୍ଥିତି ସତ୍ତ୍ୱେ ଦେଶରେ ଏଲ୍.ପି.ଜି. ଯୋଗାଣ ସ୍ୱାଭାବିକ ରହିଛି ବୋଲି ପେଟ୍ରୋଲିୟମ୍ ଓ ପ୍ରାକୃତିକ ବାଷ୍ପ ମନ୍ତ୍ରଣାଳୟର ସଚିବ ସୁଜାତା ଶର୍ମା କହିଛନ୍ତି । ନୂଆଦିଲ୍ଲୀ ଠାରେ ଆଜି ଆନ୍ତଃ ମନ୍ତ୍ରଣାଳୟ ବୈଠକ ଆଧାରିତ ଗଣମାଧ୍ୟମକୁ ସୂଚନା ପ୍ରଦାନ କରି ଶ୍ରୀମତୀ ଶର୍ମା କହିଛନ୍ତି, ସୃଷ୍ଟ ଆହ୍ୱାନକୁ ପ୍ରତିହତ କରିବା ଲକ୍ଷ୍ୟ ନେଇ ସରକାର ପ୍ରଭାବି ଢଙ୍ଗରେ ପରିଚାଳନା କରୁଛନ୍ତି । ଏଥିପାଇଁ ବିଭିନ୍ନ କ୍ଷେତ୍ରରେ ଅନେକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରାଯାଉଛି । ଦେଶରେ ଘରୋଇ ଏଲ୍.ପି.ଜି. ଉତ୍ପାଦନ ବୃଦ୍ଧି କରିବା ସହ ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ବୁକିଂ ସମୟସୀମାକୁ ବୃଦ୍ଧି କରିବା ନେଇ ବିଚାର ବିମର୍ଷ କରାଯାଉଥିବା ସେ କହିଛନ୍ତି । କଳାବଜାରୀକୁ ରୋକିବା ପାଇଁ ବିତରଣ ପ୍ରମାଣିକରଣ କୋଡ୍ ମଧ୍ୟ ଲାଗୁ କରାଯିବ ବୋଲି ଶ୍ରୀମତୀ ଶର୍ମା କହିଛନ୍ତି ।

ବନ୍ଦର ଓ ଜାହାଜ ମନ୍ତ୍ରଣାଳୟ ନିର୍ଦ୍ଦେଶକ ମନ୍‌ଦୀପ ସିଂହ ରନ୍ଧୱା କହିଛନ୍ତି, ଭାରତୀୟ ପତାକା ଯୁକ୍ତ ଅଶୋଧିତ ତୈଳବାହି ଜାହାଜ ଦେଶ୍ ଗାରିମା ଗତ ୧୮ ତାରିଖରେ ସୁରକ୍ଷିତ ଭାବେ ହର୍ମୁଜ୍ ପ୍ରଣାଳୀ ପାର୍ କରିଛି ।

ଏଥିରେ ୯୭ ହଜାର ମେଟ୍ରିକ୍ ଟନ୍‌ରୁ ଅଧିକ ଅଶୋଧିତ ତୈଳ ଭାରତ ଆସୁଛି । ତେବେ ଜଗ୍ ଅର୍ଣ୍ଣବ୍ ଏବଂ ଭି.ଏଲ୍.ସି.ସି. ସନ୍‌ମାର୍ ହେରାଲ୍ଡ୍ ଜାହାଜ ହର୍ମୁଜ୍ ପ୍ରଣାଳୀ ପାର୍ ହେବା ସମୟରେ ଗୁଳିଚାଳନା ହୋଇଥିବା ରିପୋର୍ଟ୍ ମିଳିଛି । ତେବେ ଏଥିରେ କୌଣସି କ୍ଷୟକ୍ଷତି ହୋଇନଥିବା ଜଣାପଡ଼ିଛି । ହର୍ମୁଜ୍ ପ୍ରଣାଳୀ ଦେଇ ଭାରତୀୟ ଜାହାଜର ସୁରକ୍ଷିତ ଯାତାୟତ ପାଇଁ ସରକାର ଆବଶ୍ୟକ ପଦକ୍ଷେପ ଗ୍ରହଣ କରୁଛନ୍ତି ବୋଲି ସେ ସୂଚନା ଦେଇଛନ୍ତି ।

ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୟସ୍ୱାଲ କହିଛନ୍ତି, ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲ ଗତକାଲି ସାଉଦି ଆରବ ଗସ୍ତରେ ଯାଇ ତାଙ୍କ ପ୍ରତିପକ୍ଷ ଏବଂ ସେଠାକାର ଶକ୍ତି ଓ ବୈଦେଶିକ ମନ୍ତ୍ରୀଙ୍କ ସହ ବିଭିନ୍ନ ଦ୍ୱିପାକ୍ଷିକ ପ୍ରସଙ୍ଗ ନେଇ ଆଲୋଚନା କରିଛନ୍ତି ।

## ଜାପାନ୍-ଆର୍ଥକ୍ୱେକ୍

ଉତ୍ତର ଜାପାନ୍ ଉପକୂଳରେ ଏକ ଶକ୍ତିଶାଳୀ ଭୂକମ୍ପ ଅନୁଭୂତ ହୋଇଛି । ଜାପାନ୍ ପାଣିପାଗ ସଂସ୍ଥା ପକ୍ଷରୁ ଏଥିପାଇଁ ସୁନାମୀ ସତର୍କତା ଜାରି କରାଯାଇଛି । ଉତ୍ତର ଜାପାନ୍‌ର ସାନ୍‌ରିକୁ ଉପକୂଳରେ ସମୁଦ୍ର ପୃଷ୍ଠରୁ ପ୍ରାୟ ୧୦ କିଲୋମିଟର ଗଭୀରତାରେ ଭୂକମ୍ପ କେନ୍ଦ୍ରବିନ୍ଦୁ ଥିବା

ଜଣାପଡ଼ିଛି । ରିକ୍ଟରସ୍କେଲ୍‌ର ଏହାର ତୀବ୍ରତା ୭ ଦଶମିକ୍ ୭ ରେକର୍ଡ଼ କରାଯାଇଛି । ଇୱାଟେ ପ୍ରଦେଶର କୁଜି ବନ୍ଦରରେ ପ୍ରାୟ ୨ ଦଶମିକ୍ ୬ ଫୁଟ ଏବଂ ସେହି ପ୍ରଦେଶର ଅନ୍ୟ ଏକ ବନ୍ଦରରେ ୧ ଦଶମିକ୍ ୩ ଫୁଟର ସୁନାମୀ ରେକର୍ଡ଼ କରାଯାଇଛି । ଉପକୂଳ ଅଞ୍ଚଳର ବାସିନ୍ଦାଙ୍କୁ ତୁରନ୍ତ ଉଚ୍ଚ ଅଞ୍ଚଳକୁ ଚାଲିଯିବା ପାଇଁ ପରାମର୍ଶ ଦିଆଯାଇଛି । ଆସନ୍ତା ଏକ ସପ୍ତାହ ପର୍ଯ୍ୟନ୍ତ ସମ୍ଭାବ୍ୟ ପରବର୍ତ୍ତୀ ଭୂକମ୍ପ ନେଇ ଜାପାନ୍ କର୍ତ୍ତୃପକ୍ଷଙ୍କ ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି ।

## ଆଇପିଏଲ୍

ଆଇ.ପି.ଏଲ୍. କ୍ରିକେଟ୍‌ରେ ଆଉ ଅଳ୍ପ ସମୟ ପରେ ଅହମ୍ମଦାବାଦର ନରେନ୍ଦ୍ର ମୋଦି ଷ୍ଟାଡିୟମ୍‌ରେ ମୁମ୍ବାଇ ଇଣ୍ଡିଆନ୍ସ ଏବଂ ଗୁଜରାଟ ଟାଇଟନ୍‌ସ ମଧ୍ୟରେ ମ୍ୟାଚ୍ ଆରମ୍ଭ ହେବ । ଟସ୍ ଜିତି ଗୁଜରାଟ ଟାଇଟନ୍ସ ପ୍ରଥମେ ଫିଲ୍ଡିଂ କରିବାକୁ ନିଷ୍ପତ୍ତି ନେଇଛି ।